# Akashvani, Sambalpur

# SAMBALPURI NEWS MORNING BULLETIN

## 18 May 2026 - 6.47- 6.52 am.

---

ନୀତିନ୍ ନବୀନ୍ -ଓଡ଼ିଶାଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ୍ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ପୁହୁଁଚିଛନ୍ । ଗଲାକାଏଲ୍ ରାତି ସାଢ଼େ ୧୦ ବଜେ ଶ୍ରୀ ନବୀନ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିବାର୍ ଉତ୍‌ରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ୍ ସାମଲ୍, ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ ଆଉ ବିଧାୟକ୍‌ମାନେ ସ୍ୱାଗତ୍ କରିଥିଲେ । ଆଏଜ୍ ହେବାର୍‌କେ ଥିବା କୋର୍ କମିଟି ବୈଠକ୍‌ଥି ଶ୍ରୀ ନବୀନ୍ ଯୋଗ୍ ଦେବେ । ତାର୍ ଉତ୍‌ରୁ ସେ ଖୋର୍ଦ୍ଧା ଜିଲ୍ଲା ଜଟ୍‌ଣୀ ନ ଥିବା ଆଇଆଇଟି ପାଶର୍ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ୍ ହେଲ୍‌ଥ ବିଶ୍ୱ ବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ପଣ୍ଡିତ୍ ଦୀନ୍ ଦୟାଲ୍ ପ୍ରଶିକ୍ଷଣ୍ ମହାଅଭିଯାନ୍ ଶିବିର୍‌କେ ଉଦ୍‌ଘାଟନ୍ କର୍‌ବେ । ଶ୍ରୀ

ନବୀନ୍ ପୁରୀ ଯାଇକରି ମାହାପୁରୁଙ୍କୁ ଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ବେଲ୍‌ବୁଡ଼େ ରାଜ୍ୟକାର୍ଯ୍ୟାଲୟ ନ ରାଜ୍ୟ ପଦାଧିକାରୀ ମୋର୍ଚ୍ଚା ସଭାପତି ଆଉ ମନ୍ତ୍ରୀ ପରିଷଦ୍‌ର ବୈଠକ୍‌ଥି ସେ ଯୋଗ୍ ଦେବେ । ଆଏଜ୍ ରାତି ଶ୍ରୀ ନବୀନ୍ ନୂଆଦିଲ୍ଲୀ ଫିରଯିବେ ବଲି ଜନାପଡ଼ିଛେ ।

ପଂଚାୟତ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ପଂଚାୟତିରାଜ୍ ମନ୍ତ୍ରଣାଲୟ ତରଫୁ ଜାତୀୟ ପଂଚାୟତ୍ ପୁରସ୍କାର୍ ଲାଗି ଓଡ଼ିଶାର ୫ ଟା ପଂଚାୟତ୍‌କେ ବଛାଯାଇଛେ । ଆଏବା ମାସ ୩ ତାରିଖ୍ ନୂଆଦିଲ୍ଲୀ ନ ଇ ପୁରସ୍କାର୍ ଦିଆଯିବା । ସ୍ୱଚ୍ଛ ଆଉ ସବୁଜ ଗ୍ରାମ୍ ପଂଚାୟତ୍ ବର୍ଗଥି ସୁନ୍ଦର୍‌ଗଡ଼୍ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ଗ୍ରାମ୍‌ପଂଚାୟତ୍ ଦେଶେ ଯୁଗ୍ମ ଭାବେ ୨ ନମ୍ବର୍ ଠାନେ ରହିଛେ । ଇ ପଂଚାୟତ୍‌କେ ୩୭ ଲାଖ୍ ୫୦ ହଜାର୍ ଟଙ୍କା ପୁରସ୍କାର୍ ଦିଆଯିବା । ଇତାର୍‌ସହେତେ ଗଞ୍ଜାମ୍‌ର ୨ ଟା ଆଉ କେନ୍ଦୁଝର୍‌ର ଗୁଟେ ପଂଚାୟତ୍‌କେ ଭିଲ୍ ପୁରସ୍କୃତ୍ କରାଯିବା ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୧ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୯ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଆଏଜ୍ ଆଉ ଆଏବା ୨୫ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ଶୁଣାଣିର୍ ପରବର୍ତୀ ତାରିଖ୍ ଗଣମାଧମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସିବିଏସ୍‌ଇ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ୍- ସିବିଏସ୍‌ଇ ତର୍‌ଫୁ ଛାତ୍ରଛାତ୍ରୀମାନ୍‌କର୍ ପରୀକ୍ଷାଖାତା ପୁନଃ ମୂଲ୍ୟାୟନ ଦେୟକେ କମ୍ କରାଯାଇଛେ । କେନ୍ଦ୍ର -ବିଦ୍ୟାଳୟ ଶିକ୍ଷା ଆଉ ସ୍ୱାକ୍ଷରତା ବିଭାଗ୍ ସଚିବ ସଞ୍ଜୟ କୁମାର୍ କହିଛନ୍, ଛାତ୍ରଛାତ୍ରୀମାନ୍‌କର୍ ଲାଗି ଉତର୍ ଖାତାର୍ ପୁନଃ ମୂଲ୍ୟାଙ୍କନ୍ ଲାଗି ଗୁଟେ ଗୁଟେ ପ୍ରଶ୍ନକେ ୨୫ ଟଙ୍କା ଲେଖା ଧାରିଜ୍ କରାଯାଇଛେ । ମୂଲ୍ୟାୟନ୍ ଉତ୍‌ରୁ ଯଦି ମାର୍କ ବଢ଼୍‌ବା ବେଳେ ଦେୟକେ ଫିରାଯିବାର୍ ବ୍ୟବସ୍ଥା ରହିଛେ ବଲି ଶ୍ରୀ କୁମାର୍ କହିଛନ୍ । ନିଷ୍ପତି ଅନ୍‌ସାରେ ଛାତ୍ରଛାତ୍ରୀମାନେ ଉତର୍

ଖାତାର୍ ସ୍କେନ୍ କପି ପାଏବାର୍ ଲାଗି ଶହେ ଟଙ୍କା ଦେବେ । ସେନ୍ତା ନମ୍ବର୍ ଭେରିଫିକେସନ୍ ଲାଗି ଭିଲ୍ ଶହେ ଟଙ୍କା ଦେବାର୍‌କେ ପଡ୍‌ବା । ଆଘୋନୁ ସ୍କେନ୍ କପି ଲାଗି ୭ ଶହ ଆଉ ନମ୍ବର୍ ଭେରିଫିକେସନ୍ ଲାଗି ୫ ଶହ ଟଙ୍କା ଦେବାର୍‌କେ ପଡୁଥିଲା ।

ବର୍‌ଗଡ୍ ଟାଉନ୍ କେନାଲ୍‌ର ଉନ୍ନତିକରଣ୍ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଟାଉନ୍ କେନାଲ୍‌ର ଉନ୍ନତିକରଣ୍ ଆଉ ସୌନ୍ଦର୍ଯ୍ୟୀକରଣ୍ ଲାଗି କାମ୍ ମୁଲ୍ ହେବା । କେନାଲ୍ ଉପ୍‌ରେ ବକ୍ସ କଣ୍ଡୁଇଟ୍ ତିଆର୍ କରାଯିବା । ଧନୁଯାତ୍ରା ମଂଚଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୌନ୍ଦର୍ଯ୍ୟୀକରଣ୍‌କେ ନେଇକରି କରିଥିବା ଘୋଷ୍‌ନାର୍ ଭିତିପ୍ରସ୍ତର୍ ଗଲାକାଏଲ୍ ବର୍‌ଗଡ୍ ବିଧାୟକ୍ ଆଉ ଜିଲ୍ଲା ଯୋଜନାବୋର୍ଡ୍‌ର ଅଧ୍ୟକ୍ଷ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ଥାପ୍‌ନା କରିଛନ୍ । ପହେଲା ଖେପେ ୫୦ କୋଟି ଟଙ୍କା ଖର୍ଚ୍ଚାଥି ବର୍‌ଗଡ୍- ଭେଡ଼େନ୍ ଶାଖାକେନାଲ୍ ଉପ୍‌ରେ ବକ୍ସ କଣ୍ଡୁଇଟ୍ ତିଆର୍ କରାଯିବା । ଇଥିର୍‌ଲାଗି ଟେଣ୍ଡର୍ ପ୍ରକ୍ରିୟା ଶେଷ୍ ହେଇଥିବାର୍ ବେଲେ ଖୋବ୍

ଜଲ୍ଦି କାମ୍ ମୁଲ୍ ହେବା । ନିଶାମଣି ପଡ଼ିଆ ନୁ ଗୁଟେ ଶୋଭାଯାତ୍ରା ବାହାରିକରି କେନାଲ୍ ଛକ୍ ଠାନେ ପୂଜା କଲା ଉତ୍ରୁ ପ୍ରକଳ୍ପର୍ ଶୁଭାରମ୍ଭ ହେଇଛେ । ଇ ପ୍ରକଳ୍ପ ଜିଲ୍ଲା ଲାଗି ଗୁଟେ ବଡ଼ ମାଇଲ୍‌ଖୁଂଟା ହେବା ବଲି ବିଧାୟକ୍ ଶ୍ରୀ ଷଡ଼ଙ୍ଗୀ କହିଛନ୍ ।

ଏ.ଆଇ.ବି.ଡ଼ି. ପୁରସ୍କାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏସିଆ ପେସିପିକ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବ୍ରଡ୍‌କାଷ୍ଟିଂ ଡେଭଲପ୍‌ମେଂଟ୍ - ଏ.ଆଇ.ବି.ଡ଼ି. ତର୍ଫୁ ମାଲ୍‌ଦୀପ୍ ଠାନେ ଗଲା ୧୨ ତାରିଖ୍ ହେଇଥିବା ଏ.ଆଇ.ବି.ଡ଼ି. ଅନ୍ତର୍ଜାତୀୟ ଗଣମାଧ୍ୟମ୍ ପୁରସ୍କାର୍ - ୨୦୨୬ ସମାରୋହଥି ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ପହେଲା ରନର୍ସଅପ୍ ଭାବେ ପୁରସ୍କୃତ୍ ହେଇଛେ । କେନ୍ଦ୍ର ତର୍ଫୁ ଓଡ଼ିଆଥି ପ୍ରସ୍ତୁତ୍ ରତ୍ନଗର୍ଭା ହରିତ୍‌ବର୍ଣ୍ଣା କାର୍ଯ୍ୟକ୍ରମ୍ ଇ ପୁରସ୍କାର୍ ପାଏବାର୍ ଲାଗି ଯୋଗ୍ୟତା ହାସଲ୍ କରିଛେ ।

ଓପିଏସ୍‌ଇ- ପ୍ରିଲିମିନାରୀ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍ -ଓପିଏସ୍‌ଇ ତର୍‌ଫୁ ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା-୨୦୨୫ ର କାର୍ଯ୍ୟସୂଚୀ ବାହାରିଛେ । ଆଏବା ଜୁନ୍ ମାସ ୭ ତାରିଖ୍ ପ୍ରିଲିମିନାରୀ ପରୀକ୍ଷା ୨ ଟା ଖେପେ ହେବା । ରାଜ୍ୟର୍ ୬ ଟା ଜୋନ୍ ସମ୍ବଲ୍‌ପୁର୍, ଭୁବ୍‌ନେଶ୍ୱର୍, ବାଲେଶ୍ୱର୍, ବ୍ରହ୍ମପୁର୍, କଟକ୍ ଆଉ ଜୟପୁର୍ ନ ପରୀକ୍ଷା ହେବା ବଲି ଜନାପଡ଼ିଛ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ୍ ନ ପୁହୁଁଚିଛେ । ଆଏବା ୨ ନୁ ୩ ଦିନ୍ ଭିତ୍‌ରେ ମୌସୁମୀ ବାୟୁ ଦକ୍ଷିଣ ପୂର୍ବ ଆରବ୍ ସାଗର୍‌ର୍ କିଛି ଇଲାକା, ଦକ୍ଷିଣ ପୂର୍ବ ଆଉ ଦକ୍ଷିଣ୍ ପଶ୍ଚିମ ବଙ୍ଗୋପ୍‌ସାଗର, ଆଣ୍ଡାମାନ୍ ସାଗର୍‌ର କିଛି ଇଲାକା ଆଉ ଆଣ୍ଡାମାନ୍, ନିକୋବର୍ ଦ୍ୱୀପପୁଞ୍ଜକେ ପୁହୁଁଚିବାର୍ ସମ୍ଭାବନା ଅଛେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ତାପମାତ୍ରା ୨ ନୁ ୩ ଡିଗ୍ରୀ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୨ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।